# Visit of Minister of State for External Affairs Shri V. Muraleedharan to the Republic of Senegal for the 3rd Joint Commission Meeting

November 06, 2021

## ତୃତୀୟ ମିଳିତ ଆୟୋଗ ବୈଠକରେ ଭାଗନେବା ପାଇଁ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନଙ୍କ ସେନେଗାଲ ଗସ୍ତ

ନଭେମ୍ବର 06, 2021

4-5 ନଭେମ୍ବର 2021 ରେ ଡାକରଠାରେ ଅନୁଷ୍ଠିତ ତୃତୀୟ ଭାରତ-ସେନେଗାଲ ମିଳିତ ଆୟୋଗ ବୈଠକରେ (ଜେସିଏମ) ସହ-ଅଧ୍ୟକ୍ଷତା କରିବା ପାଇଁ ବୈଦେଶିକ ବ୍ୟାପାର ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ ସେନେଗାଲ ଗସ୍ତ କରିଥିଲେ।

2. ଏହି ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ ସେନେଗାଲର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ମାକି ସଲଙ୍କୁ ସାକ୍ଷାତ କରିଥିଲେ। ରାଷ୍ଟ୍ରପତି ମାକି ସଲ ଭାରତ-ସେନେଗାଲ ମଧ୍ୟରେ ଥିବା ବିଶେଷ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହାକୁ ଆହୁରି ମଜବୁତ କରିବା ପାଇଁ ଭାରତ ସହ ସହଯୋଗ ଜାରି ରଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଜେସିଏମରେ ହୋଇଥିବା ଆଲୋଚନା ବିଶେଷକରି ସ୍ୱାସ୍ଥ୍ୟ, ଶକ୍ତି, ରେଳବାଇ, ଖଣି, ପ୍ରତିରକ୍ଷା, ବିକାଶ ସହଭାଗୀତା ଆଦି ବିଷୟରେ ରାଷ୍ଟ୍ରମନ୍ତ୍ରୀ ସେନେଗାଲର ରାଷ୍ଟ୍ରପତିଙ୍କୁ ସୂଚନା ଦେଇଥିଲେ। ଅକ୍ଟୋବର 2015 ରେ ଭାରତ-ଆଫ୍ରିକା ଫୋରମ ଶିଖର ସମ୍ମିଳନୀ ପାଇଁ ଏବଂ ମଇ 2017 ରେ ଗାନ୍ଧୀନଗରରେ ଆଫ୍ରିକୀୟ ବିକାଶ ବ୍ୟାଙ୍କର 52 ତମ ବାର୍ଷିକ ବୈଠକରେ ଅଂଶଗ୍ରହଣ କରିବାକୁ ରାଷ୍ଟ୍ରପତି ମାକି ସଲଙ୍କ ଭାରତ ଗସ୍ତକୁ ରାଷ୍ଟ୍ରମନ୍ତ୍ରୀ ମନେ ପକାଇଥିଲେ।

3. ରାଷ୍ଟ୍ରମନ୍ତ୍ରୀ ବୈଦେଶିକ ବ୍ୟାପାର ମନ୍ତ୍ରୀ ତଥା ବିଦେଶରେ ଥିବା ସେନେଗାଲ ଲୋକଙ୍କ ମନ୍ତ୍ରୀ ଶ୍ରୀମତୀ ଆଇସାଟା ଟଲ ସଲଙ୍କ ସହିତ ଜେସିଏମର ସହ-ଅଧ୍ୟକ୍ଷତା କରିଥିଲେ। ଉଭୟ ପକ୍ଷ ବ୍ୟାପାର ଓ ବାଣିଜ୍ୟ, ପୁଞ୍ଜି ନିବେଶ, ସ୍ୱାସ୍ଥ୍ୟ, ଶକ୍ତି, କୃଷି, ରେଳବାଇ, ପ୍ରତିରକ୍ଷା ଓ ସୁରକ୍ଷା, ଶିକ୍ଷା ଓ ସଂସ୍କୃତି, ବିକାଶ ସହଭାଗୀତା, କନସୁଲାର ଏବଂ ଭାରତୀୟ ସମୁଦାୟ ପ୍ରସଙ୍ଗ ସମେତ ପାରସ୍ପରିକ ଆଗ୍ରହର ସମସ୍ତ କ୍ଷେତ୍ର ଉପରେ ଆଲୋଚନା କରିଥିଲେ ଏବଂ ଏହି କ୍ଷେତ୍ରଗୁଡିକରେ ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଥିଲେ।

4. ଏହି ଗସ୍ତ ସମୟରେ ଦୁଇଟି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ଯଥାକ୍ରମେ ସ୍ୱାସ୍ଥ୍ୟ ଓ ଔଷଧ କ୍ଷେତ୍ରରେ ସହଯୋଗ ପାଇଁ ଏମଓୟୁ ଏବଂ ସେନେଗାଲର କୂଟନୀତିଜ୍ଞଙ୍କ ତାଲିମ ପାଇଁ ଏମଓୟୁ। ଭାରତ ଓ ସେନେଗାଲ ମଧ୍ୟରେ କୂଟନୈତିକ ସମ୍ପର୍କର 60 ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ସେନେଗାଲର ବୈଦେଶିକ ମନ୍ତ୍ରୀଙ୍କ ସହ ରାଷ୍ଟ୍ରମନ୍ତ୍ରୀ ଏକ ସ୍ମରଣୀୟ ଡାକ ଟିକଟ ଜାରି କରିଥିଲେ।

5. ଏହି ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ ଡାକରଠାରେ ରେନାୟାନ୍ସ ସ୍ମାରକୀ ପରିଦର୍ଶନ କରି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଭାରତୀୟ ଅନୁଦାନ ସହାୟତାରେ ଡାକରଠାରେ ନିର୍ମିତ ସେଣ୍ଟର ଫର ଏଣ୍ଟରପ୍ରେନିଅରସିପ ଡେଭଲପମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ସିଇଡିଟି) ମଧ୍ୟ ପରିଦର୍ଶନ କରିଥିଲେ। ରାଷ୍ଟ୍ରମନ୍ତ୍ରୀ ଡାକରଠାରେ ଭାରତୀୟ ସମୁଦାୟର ସଦସ୍ୟଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ଦିୱାଲୀ ଉତ୍ସବ ଅବସରରେ ସେମାନଙ୍କୁ ଅଭିବାଦନ ଜଣାଇଥିଲେ।

୬. ରାଷ୍ଟ୍ରମନ୍ତ୍ରୀଙ୍କ ସେନେଗାଲ ଗସ୍ତ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ୬0 ବର୍ଷର କୂଟନୈତିକ ସମ୍ପର୍କକୁ ସୁଦୃଢ କରିବାରେ ସାହାଯ୍ୟ କରିଛି ଏବଂ ଭବିଷ୍ୟତରେ ଭାଗିଦାରୀ ପାଇଁ ଏକ ରୋଡମ୍ୟାପ ପ୍ରଦାନ କରିଛି।

**ନୂଆଦିଲ୍ଲୀ**

**ନଭେମ୍ବର 05, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.